## ସଂକ୍ଷେପରେ

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଢେଙ୍କାନାଳ,୮।୬(ରତନ ନାୟାର)

ଢେଙ୍କାନାଳ ଜିଲା କାରାଗାରର ଲକ୍ଷ୍ମୀଧର ବିଶ୍ୱାଳ(୪୨) ନାମକ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମୀଧର ଦୁଇଦିନ ତଳେ ଜେଲ ମଧ୍ୟରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନରେ କଟକଠାରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଛି। ସେ ୨୦୧୮ ମସିହାରୁ ଏକ ପୋକସୋ ମାମଲାରେ ବିଚାରାଧିନ କଏଦୀ ଭାବେ ଜିଲା କାରାଗାରରେ ରହିଥିବା ଜେଲ ଅଧିକ୍ଷକ ଉର୍ମିଳା ମିଞ୍ଜ୍ ସୂଚନା ଦେଇଛନ୍ତି।

# କ୍ଷତିପୂରଣ ଦାବିରେ ୩ ଘଣ୍ଟା ବନ କର୍ମଚାରୀ ଅଟକ

### ହାତୀ ଆକ୍ରମଣରେ ବୃଦ୍ଧା ମୃତ

ବଇଣ୍ଡା,୮।୬(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଞ୍ଚଳରେ କିଛିଦିନ ହେବ ଏକ ଦନ୍ତାହାତୀ ତାଣ୍ଡବ ଚଳାଇଛି। ଅନେକ ଗ୍ରାମରେ ପଶି ବ୍ୟାପକ ଫସଲ ନଷ୍ଟ ସହ ଆମ୍ବ ଗଛ ଭାଙ୍ଗି ଦେଇଥିବାବେଳେ ଶନିବାର ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ସେହି ଗ୍ରାମର ଆଶା ଦେହୁରି (୭୦) ଜଣେ ବୃଦ୍ଧା ମହିଳାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପରେ ଆଖପାଖ ଗ୍ରାମରେ ଅସନ୍ତୋଷ ଦେଖାଦେବା ସହ ଘଟଣାସ୍ଥଳକୁ ଆସିଥିବା ବନବିଭାଗ କର୍ମଚାରୀଙ୍କୁ ଦୀର୍ଘ ୩ ଘଣ୍ଟା ଧରି ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅଞ୍ଚଳବାସୀ କହିଛନ୍ତି, ହଣ୍ଡପା ରେଞ୍ଜରେ କିଛିଦିନ ହେବ ଏକ ଦନ୍ତା ହାତୀ ଉପଦ୍ରବ ଚଳାଇଛି। ବିଶେଷ କରି ଆମ୍ବ, ପଣସ, କଦଳୀ ଗଛ ଗୁଡିକ ଭାଙ୍ଗିବା ସହ ରାସ୍ତା ମଝିରେ ବୁଲି ତାଣ୍ଡବ ଚଳାଇଛି। ଶନିବାର ଆଶା ଗ୍ରାମ ନିକଟରେ ଥିବା ଆମ୍ବରୀକୁ ଆମ୍ବ ଗୋଟେଇବା ପାଇଁ ଯାଇଥିବାବେଳେ ଆମ୍ବ ଗଛ ନିକଟରେ ଥିବା ଦନ୍ତାଟି ତାଙ୍କୁ ପାଦରେ ଦଳି ମାରି ଦେଇଥିଲା। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗମାଙ୍ଗ, ଫରେଷ୍ଟର ସୁବ୍ରତ ଶତପଥୀ, ଦୀପକ ମିଶ୍ର, ପୁରୁଷୋତ୍ତମ ଦେହୁରି ଘଟଣାସ୍ଥଳକୁ ଯାଇଥିବାବେଳେ ଉତ୍ତେଜିତ ଅଞ୍ଚଳବାସୀ ମୃତା ଆଶାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହ ବନ ବିଭାଗରେ ଚାକିରି ଦାବିକୁ ନେଇ ସମସ୍ତ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଦୀର୍ଘ ୩ ଘଣ୍ଟା ଅଟକ ରଖିବା ପରେ ବନବିଭାଗ ଏସିଏଫ ଦିବ୍ୟସିଂହ ମାଝି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ଏକ ସପ୍ତାହ ମଧ୍ୟରେ ବନବିଭାଗ ପକ୍ଷରୁ ୬୦ ହଜାର ଟଙ୍କା ତାଙ୍କ ଶୁଦ୍ଧି କ୍ରିୟା ପାଇଁ ଦିଆଯିବ। ଏଥିସହ ବନବିଭାଗ ନିୟମ ଅନୁଯାୟୀ ୫ ଲକ୍ଷ ୪୦ ହଜାର ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ହଣ୍ଡପା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ରେଡିଓ ବସୁଧାର ପ୍ରଥମ ସ୍ୱନକ୍ଷତ୍ର ପାଳିତ

କାମାକ୍ଷାନଗର,୮।୬(ସୁଧୀର ପରିଡ଼ା)

କାମାକ୍ଷାନଗର ଜିରିଡାମାଳୀଠାରେ ରେଡ଼ିଓ ବସୁଧାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ରେଡିଓ ବସୁଧାର ନିର୍ଦ୍ଦେଶକ ଶିଶିର ଶତପଥୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଜନସଂଚାର ସଂସ୍ଥାନ ଢେଙ୍କାନାଳର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଯୋଗଦେଇ କହିଲେ, ଚଳିତ ବର୍ଷରେ ରେଡ଼ିଓ ଶ୍ରୋତା ବଢ଼ିଛନ୍ତି। ଯୁବ ସମାଜ ରେଡ଼ିଓ ଆପ୍ ବ୍ୟବହାର କରି ଏବେ ରେଡିଓ ଶୁଣୁଛନ୍ତି। ଗୋଷ୍ଠୀ ଦ୍ୱାରା, ଗୋଷ୍ଠୀ ପାଇଁ ଓ ଗୋଷ୍ଠୀମାନଙ୍କର ରେଡିଓରେ ଗୋଷ୍ଠୀ ଭାଗୀଦାରିତା ନ ରହିଲେ ରେଡିଓ ତିଷ୍ଠି ରହି ପାରିବନି। ରେଡିଓ ବସୁଧା ସାଧାରଣ ଜନତାଙ୍କ ନିକଟତର ହୋଇ କାର୍ଯ୍ୟକ୍ରମ ପ୍ରସାରଣ ଉପରେ ଗୁରୁତ୍ୱ ଦେବାକୁ ମୃଣାଳ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଗୋଷ୍ଠୀ ବେତାର ସଂଘର ସଭାପତି ଏସ. ଏ.ସଫିକ ଯୋଗଦେଇ ଗୋଷ୍ଠୀ ବେତାର କେନ୍ଦ୍ର ଓଡିଶାରେ ଦିନକୁ ଦିନ ଲୋକପ୍ରିୟତା ହାସଲ କରୁଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜାଭିୟରିଆନ ଏଜୁକେସନ ଫାଉଣ୍ଡେଶନ ଅଧ୍ୟକ୍ଷ କୁଳଦୀପ ରଥ ଯୋଗଦେଇ ରେଡିଓ ବସୁଧା କାମାକ୍ଷାନଗର ଜନଗଣଙ୍କର ରେଡିଓ ହେଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସାହିତ୍ୟିକ ପ୍ରାଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ପାଣି, ପ୍ରବଚକ ଡ. ପ୍ରମୋଦ କୁମାର ଦାଶ, ପଣ୍ଡିତ ଦିବାକର ନନ୍ଦ, କାମାକ୍ଷାନଗର ଗୋଷ୍ଠୀ କୃଷି ଅଧିକାରୀ ଦିଲୀପ ମିଶ୍ର, ରେଡିଓ ଢେଙ୍କାନାଳର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଆର୍. ଜେ . ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ପ୍ରସାଦ ମିଶ୍ର ସଂଯୋଜନା କରିଥିଲେ। ରେଡିଓ ବସୁଧାର ସମ୍ପାଦକ ସରୋଜ ଶତପଥୀ, କାର୍ଯ୍ୟକ୍ରମ ଅଧିକାରୀ ବାଦଲ ମହାନ୍ତି, ସଂଯୋଜକ ସୁଶାନ୍ତ ପତି, ଶିଶିର ପାଣି, ଦୀପକ ମିଶ୍ର, ନମିତା ପତି, ପ୍ରତିମା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ




ଅନୁଗୋଳ,୮।୬

ଅନୁଗୋଳ ଜିଲା ବ୍ରାହ୍ମଣ ମହାସଂଘର ବିଂଶତମ କାର୍ଯ୍ୟକାରିଣୀ ବୈଠକ ଅନୁଗୋଳ ସଂସ୍କୃତ ମହାବିଦ୍ୟାଳୟଠାରେ ବ୍ୟୋମକେଶ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର କୋଣ ଅନୁକୋଣରୁ ସଭ୍ୟମାନେ ଉପସ୍ଥିତ ରହି ବ୍ରାହ୍ମଣ ମହାସଂଘର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ। ରୋଗରେ ଶଯ୍ୟାଶାୟୀ ହୋଇ ପଡି ରହିଥିବା ତାମ୍ରିତ କଲୋନୀର ସନାତନ ତ୍ରିପାଠୀଙ୍କୁ କଟକ ନେଇ ମହାସଂଘ ତରଫରୁ ଚିକିତ୍ସା କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅଜୟ କୁମାର ତ୍ରିପାଠୀ ବୃଦ୍ଧାଶ୍ରମ ନିମନ୍ତେ ମହାସଂଘକୁ ୨ ଗୁଣ୍ଠ ଜାଗା ଦାନ କରିଥିଲେ। ମହାସଂଘ ତରଫରୁ ୫ଜଣ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ପରେ ଆଞ୍ଚଳିକ ସଂଗଠନ ଗୁଡିକୁ ସକ୍ରିୟ କରିବା ନିମନ୍ତେ କମିଟି ଗଠନ କରାଯାଇ କମିଟିରେ ଆର୍ତ୍ତଭଞ୍ଜନ ଦାଶ, ସୋମ ପ୍ରସାଦ ଦାଶ, ସୁଜିତ୍ ନନ୍ଦ, ନାରାୟଣ ପଣ୍ଡା ଓ ସନ୍ତୋଷ କୁମାର ମିଶ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରବର୍ତ୍ତୀ ଜିଲା ସମ୍ମିଳନୀ ଆସନ୍ତା ଜୁଲାଇ ୨୮ରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅଚ୍ୟୁତାନନ୍ଦ ଧର, ରମାନନ୍ଦ ପଣ୍ଡା, ଚିତ୍ତରଞ୍ଜନ ମହାପାତ୍ର, ନୃସିଂହ ଚରଣ ମିଶ୍ର, ସୁବୋଧ ମିଶ୍ର, ପ୍ରଦୀପ ମିଶ୍ର ଓ ଜନାର୍ଦ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଆର୍ତ୍ତଭଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ୍ ଚାଳକଙ୍କୁ ମାଡ଼ମାରି ଲୁଟ୍ ଅଭିଯୋଗ: ୨ ଗିରଫ

କଣିହାଁ,୮।୬(ସଚ୍ଚିଦାନନ୍ଦ ପ୍ରଧାନ)

ଟ୍ରକ୍ ଚାଳକଙ୍କୁ ମାଡମାରି ଲୁଟ୍ କରିଥିବା ଅଭିଯୋଗରେ କଣିହାଁ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରମେଶ ନାଏକ (୩୫) ଓ ସୁରେଶ ନାଏକ (୩୯)। ସେମାନଙ୍କଠାରୁ ୩୧୦୦ ଟଙ୍କା ଏବଂ ମୋବାଇଲ ଜବତ କରାଯାଇଛି। ପୋଲିସ କହିଛି, ଏକ ଠିକାସଂସ୍ଥାରେ ଅଧୀନରେ ପାଉଁଶ ପରିବହନ କରୁଥିବା ଟ୍ରକ୍ ଚାଳକଙ୍କୁ ଶୁକ୍ରବାର ମାଡ ମାରି ଲୁଟ୍ ଅଭିଯୋଗ ହୋଇଥିଲା। ଏ ନେଇ ଠିକାସଂସ୍ଥାର ପରିଚାଳନା ଦାୟିତ୍ୱରେ ଥିବା ଦିଲ୍ଲୀପ ନାଏକ (୨୯)ଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୧୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଅଣ୍ଡା ଯୋଗାଣରେ ବ୍ୟାପକ ଅନିୟମିତତା ଅଭିଯୋଗ

ବଇଣ୍ଡା,୮।୬
(ପରିକ୍ଷିତ ସାହୁ)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗର୍ଭବତୀ ମହିଳା ଓ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ସରକାର ଅଙ୍ଗନୱାଡି ଯୋଗେ ଅଣ୍ଡା, ଛତୁଆ ପ୍ରତ୍ୟେକ ମାସରେ ଯୋଗାଇ ଦେଉଛନ୍ତି। ହେଲେ କିଶୋରନଗର ବ୍ଲକରେ ଅଣ୍ଡା ଯୋଗାଣରେ ବ୍ୟାପକ ଅନିୟମିତତା ଦେଖାଯାଇଛି। ଏ ନେଇ ବଇଣ୍ଡା ଅଞ୍ଚଳବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଞ୍ଚଳବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳି ତଥା ଅନେକ ପଞ୍ଚାୟତରେ ଗର୍ଭବତୀ ମହିଳାଙ୍କୁ ଠିକ୍ ଭାବେ ଅଣ୍ଡା ମିଳୁନାହିଁ। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ମାସରେ ଗର୍ଭବତୀ ଓ ଶିଶୁମାନଙ୍କୁ ୧୦ ଟା ଲେଖାଏ ଅଣ୍ଡା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶନାମା ରହିଛି। ହେଲେ ଅନେକ କେନ୍ଦ୍ରରେ ଅଣ୍ଡା ଯୋଗାଣରେ କମ୍ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ କେନ୍ଦ୍ରରେ ପ୍ରତ୍ୟେକ ମାସରେ ୬ଟି ଲେଖାଏ ଅଣ୍ଡା ଯୋଗାଇ ଦିଆଯାଉଛି। ବଳକା ୪ଟି ଲେଖାଏ ଅଣ୍ଡାକୁ ବାହାର ଦୋକାନରେ ବିକ୍ରି କରାଯାଉଛି। ଏପରିକି କିଛି ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ୨ ମାସରେ ଥରେ ଲେଖାଏ ଅଣ୍ଡା ଦିଆଯାଇ ବଳକା ଅଣ୍ଡା ସହ ଛତୁଆକୁ ହଡ଼ପ କରାଯାଉଛି। ଏଥିସହ ଆସୁଥିବା ବାଦାମ ଲଡୁ ଗୁଡିକ ନିମ୍ନମାନର ଦିଆଯାଉଥିବା ଯୋଗୁ ଅନେକ ମହିଳା ନ ଖାଇ ବାହାରେ ଫୋପାଡି ଦେଉଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ଦୀର୍ଘ ୬ ମାସ ହେବ ଏଭଳି ଅନିୟମିତତା ଭାବେ ଯୋଗାଣ କରାଯାଉଥିବାବେଳେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ପଦକ୍ଷେପ ନେଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏପରିକି କେତେଜଣ ଗର୍ଭବତୀ ଏ ନେଇ ଅଣ୍ଡା ଯୋଗାଉଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଅଭିଯୋଗ କଲେ ଯେତିକି ଆସୁଛି ସେତିକି ଦିଆଯାଉଛି ବୋଲି କହିବା ସହ ଆଗକୁ ୫ ଟା ଲେଖାଏ ଅଣ୍ଡା ଯୋଗାଇ ଦିଆଯିବ ବୋଲି କହୁଥିବା ଗର୍ଭବତୀ ମହିଳା ମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ସିଡିପିଓ ଏ. ବେଗମ୍ କୁହନ୍ତି, ଏହି ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ନାଲ୍କୋ ସ୍ମେଲଟର ପ୍ଲାଣ୍ଟରେ ବିଶ୍ୱ ପରିବେଶ ଦିବସ ପାଳିତ




ବଅଁରପାଳ,୮।୬(ସୁବାସ ସାହୁ)

ନାଲ୍କୋ ସିପିପିରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଗୋଳ ଏସ୍‌ପିସିବି ଆଞ୍ଚଳିକ ଅଧିକାରୀ ଆର.କେ ଏକ୍କା ଏବଂ ତାଙ୍କ ସହଯୋଗୀ ଅଂଶଗ୍ରହଣ କରିଥିଲେ। ସେହିପରି ନାଲ୍କୋ ସ୍ମେଲଟର ପ୍ଲାଣ୍ଟଠାରେ ମଧ୍ୟ ଏକ ପୃଥକ ସମାରୋହରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମୀୟ କୁମାର ସ୍ୱାଇଁ ଯୋଗଦେଇ ପରିବେଶ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥି ଭାବେ ସମସ୍ତ ଜିଜିଏମ ଗଣ, ସ୍ମେଲ୍ଟର ପ୍ଲାଣ୍ଟର ବରିଷ୍ଠ ପଦାଧିକାରୀ, ସମସ୍ତ ୟୁନିୟନ ଓ ଆସୋସିଏଶନର କର୍ମକର୍ତ୍ତା, କର୍ମଚାରୀ ଓ ଠିକା କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ମେଲଟର ପ୍ଲାଣ୍ଟ ପରିସରରେ ଚାରାରୋପଣ କରାଯାଇଥିଲା। ଏହାସହିତ ବିଶ୍ୱ ପରିବେଶ ଦିବସର ଶପଥପାଠ କରାଯାଇଥିଲା। ଅଭିଜିତ ସିହ୍ନା, ଆଲୋକ ସିଂହ, ସୁଭାଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଫେରାର ଗଞ୍ଜେଇ ଚାଷୀ ଗିରଫ

ଛେଣ୍ଡିପଦା,୮।୬(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ଶନିବାର ଫେରାର ଥିବା ଜଣେ ଗଞ୍ଜେଇ ଚାଷୀଙ୍କୁ ଗିରଫ କରିଛି। ସେ ହେଲେ କଙ୍କୁରପାଳ ଗ୍ରାମର ଶିବରାମ ମାଝି।

ପୋଲିସ କହିଛି, ଗତ ନଭେମ୍ବର ୨୯ ତାରିଖରେ ତହସିଲଦାର ଓ ଆରଆଇଙ୍କ ଉପସ୍ଥିତିରେ ଛେଣ୍ଡିପଦା ପୋଲିସ କଙ୍କୁରପାଳ ଗ୍ରାମ ନିକଟସ୍ଥ ଓହ୍ଲାଣି ନାଳ ନିକଟରେ ୨୦ ଏକର ଜାଗାର ଲାଗିଥିବା ଗଞ୍ଜେଇ ଫିଲଡରେ ଚଢାଉ କରି ଗଞ୍ଜେଇ ଗଛ ଗୁଡିକୁ ନଷ୍ଟ କରିଥିଲେ। ପୋଲିସ ଘଟଣାସ୍ଥଳରୁ ପାଇପ୍ ଓ ପାଣି ପମ୍ପ୍ ଜବତ କରି ଗ୍ରାମର ଅରୁଣ ମାଝି, ପପୁନ କୁମାର ବେହେରା, ସୁଦର୍ଶନ ବେହେରା ଓ ପବିତ୍ର କୁମାର ବେହେରାଙ୍କୁ ଗିରଫ କରିଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ଚାଷୀ ଫେରାର ହୋଇଥିଲେ। ଫେରାର ଥିବା ଚାଷୀଙ୍କ ମଧ୍ୟରୁ ଶିବରାମଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ମୌସୁମୀ ଆଗମନରେ ଚାଷୀ ଖୁସି

କଣିହାଁ,୮।୬
(ସଚ୍ଚିଦାନନ୍ଦ ପ୍ରଧାନ)

ପାଣିପାଗ ବିଭାଗ ଆକଳନ ପୂର୍ବରୁ ଶନିବାର ଓଡ଼ିଶାରେ ପାଦ ଥାପିଛି ମୌସୁମୀ ବାୟୁ। ଏଥିଯୋଗୁ ଚାଷୀ ମହଲରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପଟେ କଣିହାଁ ବ୍ଲକ ଅଞ୍ଚଳରେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁ ଜନଜୀବନ ଅତିଷ୍ଠ ହୋଇଛି। ମେ ୧୦ ତାରିଖରେ ଚାଷ କାର୍ଯ୍ୟ ଆରମ୍ଭ ପାଇଁ ଅଖିମୁଠି ଅନୁକୂଳ ହୋଇଥିଲା। ଅନେକ ସମୟରେ ବର୍ଷାକୁ ନେଇ ହଳ ଓ କଳ ଲଙ୍ଗଳ ଦ୍ୱାରା ଜମିକୁ କୃଷକମାନେ ଚାଷ କରିଛନ୍ତି। ଧାନ ବିହନ ବୁଣା କାର୍ଯ୍ୟ ମୌସୁମୀ ବର୍ଷା ଆଗମନକୁ ନେଇ କାଁଭାଁ ଆରମ୍ଭ ହୋଇଛି। କୃଷି ବିଭାଗ ତରଫରୁ ଉପଯୁକ୍ତ କିସମର ଧାନ ବିହନ, ସାର ଔଷଧ ଯୋଗାଇ ଦିଆଗଲେ ଚାଷୀମାନେ ଉପକୃତ ହେବେ ବୋଲି ଅନେକ ଚାଷୀ କହିଛନ୍ତି।

# ବୃଦ୍ଧଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୮।୬(ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା ତିଳେଶ୍ୱର ଗ୍ରାମର ନାରାୟଣ ନାୟକଙ୍କୁ ସେହି ଗ୍ରାମର ସୁନନ୍ଦ ନାୟକ ମାଡ଼ ମାରିଥିବା ଶନିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୨୭/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ନାରାୟଣ ଘରେ ଥିବାବେଳେ କୌଣସି କାରଣ ନ ଥାଇ ସୁନନ୍ଦ ତାଙ୍କ ଘରକୁ ଯାଇ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ନାଗରିକ ପରିଷଦ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ,୮।୬(ରତନ ନାୟାର)

ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କ ଶିମିଳିଆସ୍ଥିତ ବାସଭବନରେ ଢେଙ୍କାନାଳ ଜିଲା ସକ୍ରିୟ ନାଗରିକ ପରିଷଦ ଏବଂ ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଛି। ପୁଷ୍ପଗୁଚ୍ଛ ସହ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ଅଖିଳ ମହାପାତ୍ର, ସକ୍ରିୟ ସଭ୍ୟ ବଳଦିଆବନ୍ଧର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ଜେନା, ଅଜିତାନନ୍ଦ ବିହାରୀ, ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା, କ୍ଷେତ୍ରବାସୀ ସାହୁ, ପଦ୍ମନାଭ ବାରିକ ଓ ନଗେନ୍ କର ପ୍ରମୁଖ ସାମିଲ ହୋଇଥିଲେ। ଢେଙ୍କାନାଳରେ ମେଡିକାଲ୍ ପ୍ରତିଷ୍ଠା, ମହାରାଜା ଭଗୀରଥ ବିଶ୍ୱବିଦ୍ୟାଳୟ ସ୍ଥାପନ, ଢେଙ୍କାନାଳ ଯୋରନ୍ଦା ରୋଡ୍‌ରୁ ମହିମାଗାଦି ଯୋରନ୍ଦା ଦେଇ ବାଜି ରାଉତଙ୍କ ଗ୍ରାମ ନୀଳକଣ୍ଠପୁରରୁ ଭୁବନ ଯାଏ ନୂତନ ଲୁପ୍ ରେଳ ଲାଇନ୍ ପ୍ରତିଷ୍ଠା ଓ ଢେଙ୍କାନାଳ ସହରର ସୌନ୍ଦର୍ଯ୍ୟକରଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ବିଧାୟକଙ୍କ ସକ୍ରିୟ ସହଯୋଗ କାମନା କରାଯାଇଥିଲା ।



ବିଧାୟକ କୃଷ୍ଣ ପାତ୍ରଙ୍କ ସହ ଉପସ୍ଥିତ ନାଗରିକ ପରିଷଦର ସଦସ୍ୟମାନେ।

# ଭାଗୀରଥୀ ସାଗର ଶୁଦ୍ଧିକ୍ରିୟା ସ୍ଥାନର ନବୀକରଣ ଆରମ୍ଭ

### ଅଣ୍ଟା ଭିଡିଲା ଭାଗୀରଥି ସାଗର ସୁରକ୍ଷା ସମିତି

ଢେଙ୍କାନାଳ,୮।୬(ରତନ ନାୟାର)




ଢେଙ୍କାନାଳ ସହରସ୍ଥିତ ବହୁ ପ୍ରାଚୀନ ତଥା ଐତିହ୍ୟ ସମ୍ପନ୍ନ ପୋଖରୀ ଭାଗୀରଥୀ ସାଗର ଚତୁଃପାର୍ଶ୍ୱରେ ସ୍ଥାନୀୟ ବାସିନ୍ଦାମାନେ ଶୁଦ୍ଧିକ୍ରିୟା ପାଇଁ ଏହା ଉପରେ ନିର୍ଭର କରିଥାନ୍ତି। ଗତ କିଛିବର୍ଷ ଧରି ପୌରସଂସ୍ଥା ଓ ଜିଲା ପ୍ରଶାସନକୁ ପୋଖରୀର ଶୁଦ୍ଧିକ୍ରିୟା ସ୍ଥାନର ନବୀକରଣ ପାଇଁ ଭାଗୀରଥୀ ସାଗର ସୁରକ୍ଷା ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳରେ ଗତ ୬ ମାସ ହେଲା ସ୍ଥାନୀୟ ଅଧିବାସୀମାନେ ଶୁଦ୍ଧିକ୍ରିୟା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନଜରରେ ରଖି ଭାଗୀରଥୀ ସାଗର ସୁରକ୍ଷା ସମିତିର ସଦସ୍ୟ ଓ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ପୋଖରୀର ଶୁଦ୍ଧିକ୍ରିୟା ସ୍ଥାନର ନବୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଖରୀର ଶୁଦ୍ଧକ୍ରିୟା ଘାଟକୁ ୧୨ ଫୁଟ୍‌ରେ ୨୦ ଫୁଟ୍‌ର ଏକ କଂକ୍ରିଟ ବେସ୍ ଉପରେ ୬ ଫୁଟ୍ ବ୍ୟବଧାନରେ ଦୁଇଟି ପାହାଚ, ଚତୁଃପାର୍ଶ୍ୱରେ ଷ୍ଟିଲ ରେଲିଂ ଛାତଘର ସହିତ ରୋଷେଇ ପାଇଁ ଗୋଟିଏ ଆଜବେଷ୍ଟସ୍ ଘର ତିଆରି କରିବା କାର୍ଯ୍ୟ ହାତକୁ ନିଆଯାଇଛି। ଏକ ମାସ ମଧ୍ୟରେ ଏହି କାର୍ଯ୍ୟକୁ ସମାପ୍ତ କରିବା ପାଇଁ ସୁରକ୍ଷା ସମିତିର ଉପଦେଷ୍ଟା ଭରତ କୁମାର ଦାସ, ସଭାପତି ପଙ୍କଜ ନାୟକ, ସମ୍ପାଦକ ଅଶୋକ ସ୍ୱାଇଁ, ଦୀପକ ଦାସ, ବିକାଶ ସ୍ୱାଇଁ, ସୁରେନ୍ଦ୍ରନାଥ ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଗତ ଡିସେମ୍ବର ମାସଠାରୁ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

